# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 1 September – 2026

**********************************

## ମୁଖ୍ୟ ସମ୍ବାଦ

- ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଦେଶର ପ୍ରକୃତ ଜିଡିପି ୭ ଦଶମିକ ୮ ପ୍ରତିଶତ ଅଭିବୃଦ୍ଧିକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

– କହିଲେ; ଏହା ୧୪୦ କୋଟି ନାଗରିକଙ୍କ କଠିନ ପରିଶ୍ରମ ଓ ସାମୂହିକ ସଂକଳ୍ପର ପ୍ରତିଫଳନ

- ଶକ୍ତି ସଂରକ୍ଷଣ ଓ ପରିବେଶ ସୁରକ୍ଷାରେ ଉଲ୍ଲେଖନୀୟ ପଦକ୍ଷେପ ପାଇଁ ଓଡ଼ିଶା ଲୋକଭବନକୁ ମିଳିଲା ସବୁଜ ସୌଧ ମାନ୍ୟତା

- ରାଜ୍ୟରେ ଅଧିକ ପୁଞ୍ଜିନିବେଶ ଲକ୍ଷ୍ୟ ନେଇ ଆସନ୍ତା ୮ ତାରିଖରୁ ୟୁଏଇ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ

ଏବଂ

- ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା

# ପିଏମ୍-ଇକୋନୋମି ଭିଡ଼ିଓ

ଦେଶର ପ୍ରକୃତ ଘରୋଇ ଉତ୍ପାଦ ବା ରିଏଲ ଜିଡିପି-୨୦୨୬-୨୦୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୭ ଦଶମିକ ୮ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି। ଏହି ଆର୍ଥିକ ପ୍ରଗତି ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରି ସାମାଜିକ ଗଣମାଧ୍ୟମରେ ଭିଡିଓ ବାର୍ତ୍ତାରେ କହିଛନ୍ତି, ଏହି ଅଭିବୃଦ୍ଧି ୧୪୦କୋଟି ନାଗରିକଙ୍କ କଠିନ ପରିଶ୍ରମ ଏବଂ ସାମୂହିକ ସଂକଳ୍ପର ପ୍ରତିଫଳନକୁ ସୂଚିତ କରୁଛି । ଶ୍ରୀ ମୋଦୀ କହିଛନ୍ତି, କୋଭିଡ୍-୧୯ ମହାମାରୀ ପରଠାରୁ ବିଶ୍ୱରେ ବିଭିନ୍ନ ସ୍ଥାନରେ ଯୁଦ୍ଧ ଏବଂ ଅସ୍ଥିରତା ଭଳି ସମସ୍ୟା ସତ୍ତ୍ୱେ ଭାରତ ଅର୍ଥନୀତି କ୍ଷେତ୍ରରେ ପ୍ରଗତି କରୁଛି । ଦେଶର ଏହି ଅଭିବୃଦ୍ଧି ବଜାୟ ରଖିବା ପାଇଁ ଆତ୍ମନିର୍ଭର ଭାରତ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଦେଶର ନାଗରିକମାନଙ୍କୁ ସ୍ୱଦେଶୀ ସାମଗ୍ରୀ କ୍ରୟ ଓ ଭୋକାଲ ଫର ଲୋକାଲ ଉତ୍ପାଦ ବ୍ୟବହାର ପାଇଁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

**V/O (PM)**

ଦେଶର ଆର୍ଥିକ ପ୍ରଗତିରେ ଏହି ଅଭିବୃଦ୍ଧି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନିର୍ଣ୍ଣାୟକ ନେତୃତ୍ୱରେ ଗ୍ରହଣ କରାଯାଇଥିବା

ସଂସ୍କାରମୂଳକ ପଦକ୍ଷେପକୁ ଏହା ପ୍ରତିଫଳିତ କରୁଛି । ନିରନ୍ତର ସଂସ୍କାର ଓ ବର୍ଦ୍ଧିତ ଆତ୍ମବିଶ୍ୱାସ ଭାରତର ଅଭିବୃଦ୍ଧିର ପଥକୁ ମଜଭୁତ କରୁଛି ବୋଲି ଶ୍ରୀ ମାଝୀ କହିଛନ୍ତି ।

BBSR/R

## ଲୋକଭବନ– ସବୁଜ ସୌଧ

ଶକ୍ତି ସଂରକ୍ଷଣ ଓ ପରିବେଶ ସୁରକ୍ଷାରେ ଉଲ୍ଲେଖନୀୟ ପଦକ୍ଷେପ ପାଇଁ ଦେଶର ପ୍ରଥମ ଲୋକଭବନ ଭାବେ ଓଡ଼ିଶା ଲୋକଭବନକୁ ସବୁଜ ସୌଧର ମାନ୍ୟତା ମିଳିଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଲୋକଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଭାରତୀୟ ସବୁଜ ସୌଧ ପରିଷଦର ଅଧ୍ୟକ୍ଷ ଏହି ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ରାଜ୍ୟପାଳ ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖି କହିଛନ୍ତି, ଲୋକଭବନ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବରେ ସୌରଶକ୍ତି ବ୍ୟବହାରକ୍ଷମ ହୋଇପାରିଛି । ପିଏମ୍ ସୂର୍ଯ୍ୟଘର ଯୋଜନାରେ ୩ କିଲୋ ୱାଟ୍ ପର୍ଯ୍ୟନ୍ତ ରୁଫଟପ୍ ସୋଲାର ପ୍ୟାନେଲ ସ୍ଥାପନାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାୟ ୧ ଲକ୍ଷ ୩୮ ହଜାର ଟଙ୍କାର ରିହାତି ପ୍ରଦାନ କରୁଛନ୍ତି । ସମସ୍ତେ ଏହାର ସୁବିଧା ଗ୍ରହଣ କରିବା ସହିତ ରୁଫଟପ୍ ସୋନାଲ ପ୍ରକଳ୍ପ ସ୍ଥାପନ କରିବା ଆବଶ୍ୟକ ବୋଲି ରାଜ୍ୟପାଳ କହିଛନ୍ତି । କାର୍ଯ୍ୟକ୍ରମରେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଓଡ଼ିଶାରେ ଆଗାମୀ ଦିନରେ ସମସ୍ତ ସରକାରୀ କୋଠାଗୁଡ଼ିକୁ ସବୁଜ ସୌଧରେ ପରିଣତ କରିବା ଲାଗି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯିବ ।  ସେବା ଓ ସୁଶାସନ–

ଜନସେବା ଏବଂ ସୁଶାସନର ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସ୍ଥାୟୀ ବିକାଶର ଅଗ୍ରଣୀ ରାଷ୍ଟ୍ର ଭାବେ ଉଭା ହେଉଛି। ଏହି ଦୃଷ୍ଟିକୋଣକୁ କାର୍ଯ୍ୟରେ ପରିଣତ କରି ରାଜ୍ୟପାଳଙ୍କ ମାର୍ଗଦର୍ଶନରେ ଲୋକଭବନ ସବୁଜ ଏବଂ ଜଳବାୟୁ ପ୍ରତିକ୍ରିୟାଶୀଳ ସାର୍ବଜନୀନ ପ୍ରତିଷ୍ଠାନ ଗଠନ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି।

Puri

# ଗଣତିମଣତି

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି ଆଜି ମଧ୍ୟ ଜାରି ରହିଛି। ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ, ଗଣତି କାର୍ଯ୍ୟ ସୁରୁଖୁରୁରେ ଚାଲିଛି। ମହାପ୍ରଭୁଙ୍କ ସକାଳ ଧୂପନୀତି ସରିବା ପରେ ଗଣତି ଆରମ୍ଭ କରାଯାଇଛି। ଗତକାଲି ଗଣତିମଣତି ଶେଷ ହେବା ପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହେଉଥିବା ଝୋବାକଣ୍ଠିର ଗଣତି କରାଯାଇ ଭଣ୍ଡାର ମେକାପଙ୍କୁ ହସ୍ତାନ୍ତର କରାଯାଇଛି । ଏହା ସହ ଦାନସୂତ୍ରରେ ଆସୁଥିବା ଅଳଙ୍କାରଗୁଡ଼ିକର ତାଲିକା ପ୍ରସ୍ତୁତ କରାଯାଇଥିଲା । ଆସନ୍ତା ଦିନଗୁଡ଼ିକରେ କାଠବାକ୍ସରେ ଥିବା ସାମଗ୍ରୀର ଗଣତିମଣତି କରାଯାଇ ଭିତର ରତ୍ନଭଣ୍ଡାରରେ ରଖାଯିବ ବୋଲି ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି।

Desk

# ମୁଖ୍ୟମନ୍ତ୍ରୀ– ଦୁବାଇ ଗସ୍ତ

ରାଜ୍ୟରେ ଅଧିକରୁ ଅଧିକ ପୁଞ୍ଜିନିବେଶ ଆଣିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଏକ ପ୍ରତିନିଧି ମଣ୍ଡଳୀ ୟୁଏଇ ଗସ୍ତ କରିବେ ବୋଲି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ଦୁବାଇରେ ଆସନ୍ତା ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ ନିବେଶକାରୀଙ୍କ ସହିତ ଆଲୋଚନା କରାଯିବ। ଏହି ଅବସରରେ ଏକ ରୋଡ୍ ସୋ' ଓ ପ୍ରବାସୀ ଓଡ଼ିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି।

Desk

# ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଆଜିଠାରୁ ନୂଆଦିଲ୍ଲୀରେ ୨ ଦିନିଆ ଶିଖର ସମ୍ମିଳନୀ ଆରମ୍ଭ ହେଉଛି। ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ ସମନ୍ୱୟ ରକ୍ଷାକରି ସହଯୋଗ ଦୃଢ଼ କରିବା ନେଇ ବିସ୍ତୃତ ଆଲୋଚନା କରାଯିବ ।  ଏଥିରେ ଜଳ ସଂରକ୍ଷଣ ପ୍ରକଳ୍ପଗୁଡ଼ିକର ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟାନ୍ୱୟନ ଏବଂ ଜନଭାଗିଦାରିତା ଉପରେ ଆଲୋକପାତ କରାଯିବ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆଉ କିଛି ସମୟପରେ ୨ ଦିନିଆ ଦିଲ୍ଲୀ ଗସ୍ତରେ ଯିବେ। କାର୍ଯ୍ୟକ୍ରମରେ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ପ୍ରତିନିଧିମାନେ ମଧ୍ୟ ଯୋଗଦେବେ ।

I&PR

# ଶକ୍ତି ସମ୍ମିଳନୀ

ଜାତୀୟ ମହିଳା କମିଶନ ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଆଜିଠାରୁ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ପ୍ରଥମ ଶକ୍ତି ସମ୍ମିଳନୀ ରାଜ୍ୟ ଡବ୍ଲୁସିଡି ନେତୃତ୍ୱ ସମ୍ମିଳନୀ ଆୟୋଜିତ ହେଉଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବେ । 'ସମନ୍ୱୟ, ସମ୍ବାଦ, ସଂକଳ୍ପ ଓ ସମାଧାନ' ଶୀର୍ଷକକୁ ନେଇ ଅନୁଷ୍ଠିତ ହେବାକୁ ଥିବା ସମ୍ମିଳନୀରେ ୨୫ଟି ରାଜ୍ୟର ଅଂଶୀଦାରମାନେ ଯୋଗଦେବେ।

Puri

# ରାହୁରେଖା ଲାଗି ନୀତି

ଭାଦ୍ରବ କୃଷ୍ଣ ପଞ୍ଚମୀ ତିଥିରେ ଆସନ୍ତାକାଲି ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ରାହୁ ରେଖା ଲାଗି ନୀତି ଅନୁଷ୍ଠିତ ହେବ। ଏହା ଏକ ଗୁପ୍ତନୀତି ହୋଇଥିବାରୁ ପ୍ରଥମ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଏହି ସ୍ୱତନ୍ତ୍ର ନୀତି କରାଯିବ। ଏ ନେଇ ଆସନ୍ତାକାଲି ଅପରାହ୍ଣ ୨ଟା ୩୦ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

Ganjam

# କଳାକାର ଦଳ ଦିଲ୍ଲୀ ଗସ୍ତ

ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତିଭାସନଙ୍କ ନେତୃତ୍ୱରେ ଜିଲ୍ଲାର ୯୧ ଜଣିଆ କଳାକାର ପ୍ରତିନିଧି ଦଳ ଦିଲ୍ଲୀରେ ପହଁଞ୍ଚିଛନ୍ତି। ଆଜି ସକାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ କଳାକାର ପ୍ରତିନିଧି ଦଳ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ପ୍ରତିନିଧି ଦଳରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ସଂସ୍କୃତି ଅଧିକାରୀଙ୍କ ସମେତ ୫ଟି ଆଦିବାସୀ ନୃତ୍ୟ ଦଳର କଳାକାରମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ଅଗଷ୍ଟ ୪ ତାରିଖରେ ଗଞ୍ଜାମ ଜିଲ୍ଲାର ତପ୍ତପାଣି ଗସ୍ତରେ ଆସି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଜିଲ୍ଲାର ବିଭିନ୍ନ ଲୋକନୃତ୍ୟ ଓ ପାରମ୍ପରିକ କଳାକୁ ପ୍ରଶଂସା କରିବା ସହ କଳାକାରମାନଙ୍କୁ ରାଷ୍ଟ୍ରପତି ଭବନକୁ ନିମନ୍ତ୍ରଣ କରିଥିଲେ।

Ganjam

## ଏସ୍.ଆଇ.ଆର୍

ଗଞ୍ଜାମ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ– ଏସ୍.ଆଇ.ଆର୍.-୨୦୨୬ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଭୋଟର ତାଲିକା ପର୍ଯ୍ୟବେକ୍ଷକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ ବୈଠକରେ ଅଧ୍ୟକ୍ଷତା କରି ଏସ୍.ଆଇ.ଆର୍. ପ୍ରକ୍ରିୟାକୁ ନିର୍ଭୁଲ, ସ୍ୱଚ୍ଛ ଓ ନିରପେକ୍ଷ ଭାବେ ସମ୍ପାଦନ କରିବା ସହ ଜଣେ ହେଲେ ଯୋଗ୍ୟ ଭୋଟର ଯେପରି ତାଲିକାରୁ ବାଦ୍ ନ ପଡ଼ନ୍ତି ସେଥିପ୍ରତି ସଜାଗ ରହିବାକୁ ସେ ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏସ୍.ଆଇ.ଆର୍.

କାର୍ଯ୍ୟକ୍ରମର ଅଗ୍ରଗତି ଓ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ପରବର୍ତ୍ତୀ ବୈଠକରେ ଜିଲ୍ଲାର ସମସ୍ତ ଇ.ଆର୍.ଓ.ଙ୍କ ସହ କାର୍ଯ୍ୟକ୍ରମର ଅଗ୍ରଗତି, ଭୋଟର ତାଲିକାର ଶୁଦ୍ଧତା ଏବଂ ଏକ ଆଦର୍ଶ ଭୋଟର ତାଲିକା ପ୍ରସ୍ତୁତି ପାଇଁ ପରବର୍ତ୍ତୀ କାର୍ଯ୍ୟ ଯୋଜନା ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା।

Bhadrak

## ସଚେତନତା ଶିବିର

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଆଗରପଡ଼ାର ବିଟିପୁର ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ବିଭାଗୀୟ ଶିଳ୍ପ ଅଧିକାରୀ, ସରପଞ୍ଚ ପ୍ରମୁଖ ଯୋଗଦେଇ ଉଦ୍ୟୋଗୀମାନଙ୍କୁ ସରକାରଙ୍କ ପକ୍ଷରୁ ବିଭିନ୍ନ ଋଣ ସହାୟତା, ଉତ୍ପାଦିତ ସାମଗ୍ରୀର ବିକ୍ରିବଟା, ବ୍ୟବସାୟୀକରଣ, କୌଶଳ ବୃଦ୍ଧି ଦ୍ୱାରା ସଫଳ ଉଦ୍ୟୋଗୀ ହେବାର ପରାମର୍ଶ ଦେଇଥିଲେ। ଶିବିରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ୬୦ ଜଣ ମହିଳା ସଦସ୍ୟ, ସି.ଆର୍.ପି., ଏମ୍.ବି.କେ. ଅଂଶଗ୍ରହଣ କରିଥିଲେ।

Desk

## କ୍ରୀଡ଼ା ଦିବସ

ନୂଆପଡ଼ା ଜିଲ୍ଲା ସଦର ମହକୁମାସ୍ଥିତ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଜାତୀୟ କ୍ରୀଡ଼ା ଦିବସ ଉଦ୍‌ଯାପିତ ହୋଇଯାଇଛି। ପାରମ୍ପରିକ କ୍ରୀଡ଼ାକୁ ଉଜ୍ଜୀବିତ କରିବା ଲକ୍ଷ୍ୟରେ ଆୟୋଜିତ ଏହି କ୍ରୀଡ଼ା

ଦିବସ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ପୁଲିସ ପଡ଼ିଆଠାରୁ ଇଣ୍ଡୋର ଷ୍ଟାଡିୟମ୍ ପର୍ଯ୍ୟନ୍ତ ପଦଯାତ୍ରାରେ ଯୁବ କ୍ରୀଡ଼ାବିତ ଏବଂ ସାଧାରଣ ନାଗରିକ ସାମିଲ ହୋଇଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରାଉତ, ଏସ୍.ବି.ଆଇ. ମୁଖ୍ୟ ପ୍ରବନ୍ଧକ ଏବଂ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଏହି କାର୍ଯ୍ୟକ୍ରମ ଯୁବ ପ୍ରତିଭାଙ୍କୁ ସୁଯୋଗ ଦେବା ସହ ଲୁକ୍କାୟିତ ଯୁବ ପ୍ରତିଭା ଚିହ୍ନଟର ଏକ ମାଧ୍ୟମ ବୋଲି କହିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

Desk

# ପାଣିପାଗ

ଉତ୍ତର-ପଶ୍ଚିମବଙ୍ଗ ଓ ଉତ୍ତର ଉପକୂଳ ଓଡ଼ିଶା ତଥା ଉତ୍ତର ପଶ୍ଚିମ ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳରେ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ର ସକ୍ରୀୟ ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅତିପ୍ରବଳ ବର୍ଷା ହେବା ନେଇ ବରଗଡ଼ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ୧୭ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷିରେ ୩୦୯ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ସରସକଣାରେ ୨୯୭, ଜାମଶଳାଘାଟରେ ୨୮୫ ଦଶମିକ ୨ ମିଲିମିଟର ଓ

ଚନ୍ଦନପୁରରେ ୨୫୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବୁଢ଼ାବଳଙ୍ଗ ନଦୀ ଅବବାହିକାରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି।

ହୀରାକୁଦ ଜଳଭଣ୍ଡାର ଜଳସ୍ତର ମଧ୍ୟାହ୍ନ ୧୨ଟା ସୁଦ୍ଧା ୬୨୪ ଦଶମିକ ୭/୫ ଘନଫୁଟ ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୬୬ ହଜାର ୯୮୪ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୨ଟି ଗେଟ୍ ଦେଇ ୩୨ ହଜାର ୬୬ ଘନଫୁଟ ଜଳ ନିଷ୍କାସିତ ହେଉଛି।